ବ୍ରହ୍ମପୁରରେ ସୁନା ଚେନ୍ ଲୁଟେରା ଗ୍ୟାଙ୍ଗ ସକ୍ରିୟ

ସୁନା ଚେନ୍, ୨୫ ହଜାର ଟଙ୍କା, ମହିଳାଙ୍କ ସମେତ ୭ ଗିରଫ

ବ୍ରହ୍ମପୁର, ୨୬।୩(ନିପ୍ର): ସ୍ଥାନୀୟ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୋର୍ଟପେଟା ଜଗନ୍ନାଥ ମନ୍ଦିରରେ ଗତ ଫେବୃଆରୀ ମାସ ୮ ତାରିଖରେ ବଂଶୀଧର ନାମକ ଜଣେ ଯୁବକଙ୍କ ମାଆର ସୁନା ଚେନ୍ କେହି ଦୁର୍ବୃତ୍ତ ଝାମ୍ପି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତି କରି ବୈଦ୍ୟନାଥପୁର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତେବେ ଏହି ସୁନା ଚେନ୍ ଲୁଟ୍ ଘଟଣାର କଟକର ଯମୁନା ବେହେରା ନାମକ ଜଣେ ମହିଳାଙ୍କୁ ଗିରଫ କରିଥିଲା ପୋଲିସ । ଏବଂ ଘଟଣାର ଅଧିକ ତଦନ୍ତ କରିବା ପରେ ଜଣାପଡ଼ିଥିଲା ଯେ, ଏଥିରେ ଏକ ମହିଳା ଲୁଟେରା ଗ୍ୟାଙ୍ଗ୍ କାମ କରୁଛନ୍ତି । ଏହି ମହିଳା ଲୁଟେରା ଗ୍ୟାଙ୍ଗକୁ ଗିରଫ କରିବା ନିମନ୍ତେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା ପୋଲିସ ।

। ଆଉ ଏକ ମହିଳା ଲୁଟେରା ଗ୍ୟାଙ୍ଗକୁ ମଧ୍ୟ ଗିରଫ କରିଛି ପୋଲିସ । ଲୁଟେରା ଗ୍ୟାଙ୍ଗ ମହିଳାମାନଙ୍କ ମଧ୍ୟରେ ତାମିଲନାଡୁର ଏଚ୍. ପୁଷ୍ପା, କଟକର ନାଗୁ ବେହେରା, ଏସ୍. ପୁଷ୍ପା, ଭଦ୍ରକର ସବିତା ସାହୁ ଓ ବାସନ୍ତୀ ରାଓଙ୍କ ସମେତ କଟକର ବିଜୟ ଜେନାଙ୍କୁ ମଧ୍ୟ ଗିରଫ କରିଛି ପୋଲିସ୍ । ବିଜୟ ନିଜର ଟ୍ରାଭେରା ଗାଡ଼ିରେ ଏହି ୬ଜଣ ମହିଳାଙ୍କୁ ନେଇ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହେଉଥିବା ପର୍ବ ପର୍ବାଣୀ ସମୟରେ ବିଭିନ୍ନ ମନ୍ଦିରକୁ ନେଉଥାଏ । ଏବଂ ସେଠାରେ ମହିଳାମାନେ ଭିଡ଼ର ଫାଇଦା ଉଠାଇ ଏହି ଗ୍ୟାଙ୍ଗ ମହିଳା ଲୁଟେରାମାନେ ମନ୍ଦିରକୁ ଆସୁଥିବା ଭକ୍ତମାନଙ୍କ ସୁନାଚେନ୍ ଲୁଟିବାରେ ସକ୍ଷମ ହେଉଥିଲେ । ସୁନା ଚେନ୍ ଲୁଟିବା ପରେ ଟ୍ରାଭେରା ଗାଡ଼ିର ବସି ଘଟଣାସ୍ଥଳରୁ ଫେରାର୍ ହୋଇଯାଉଥିଲେ । ବର୍ତ୍ତମାନ ପୋଲିସ ଏହି ମହିଳା ଲୁଟେରା ଗ୍ୟାଙ୍ଗକୁ ଗିରଫ କରିଥିବା ବେଳେ ମହିଳାଙ୍କ ଠାରୁ ୫ଗୋଟି ସୁନାଚେନ୍, ନଗଦ ୨୫ ହଜାର ଟଙ୍କା ଏବଂ ଲୁଟ୍‌ରେ ବ୍ୟବହୃତ ହେଉଥିବା ଟ୍ରାଭେରା ଗାଡ଼ିକୁ ଜବତ କରିଛି ପୋଲିସ । ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ମହିଳା ଲୁଟେରା ଗ୍ୟାଙ୍ଗ ଭଳି ଆଉ ୨ଟି ଓଡ଼ିଶାରେ ଏହି ଗ୍ୟାଙ୍ଗ କାମ କରୁଛି । ମୁଖ୍ୟତଃ ଏହି ଲୁଟେରାମାନେ କଟକର ଏକ ଭଡ଼ା ଘରେ ରହି ବିଭିନ୍ନ ସ୍ଥାନକୁ ଲୁଟ୍ କରିବା ନିମନ୍ତେ ଯାଉଥିଲେ । ତେବେ ଏହି ଲୁଟେରା ଗ୍ୟାଙ୍ଗରେ ରହିଥିବା ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଶ୍ରୀ ଡ଼. ଶର୍ବଣା ବିବେକ୍ ଏମ୍ କହିଛନ୍ତି ।

୩ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,(ନିପ୍ର) ସ୍ଥାନୀୟ ବଡ଼ ବଜାର ଥାନା ଅନ୍ତର୍ଗତ ନୀଳକଣ୍ଠନଗର ହାଉସିଂବୋର୍ଡ଼ ନିବାସୀ କେ. ରଜନୀଙ୍କ ସୁନା ଚେନ୍ ଲୁଟ୍ ହୋଇଥିବା ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ନୀଳାଦ୍ରି ବିହାର ଅଞ୍ଚଳର ଶେଖ୍ ବାବୁ, ଶେଖ୍ ଜାହିଦ୍‌ଙ୍କ ସମେତ ନିଳାଦ୍ରୀ ବିହାରର ଚତୁର୍ଥ ଲାଇନ୍‌ର ଜଣେ ନାବାଳକକୁ ଗିରଫ କରିଥିଲା ପୋଲିସ । ଗିରଫ ଅଭିଯୁକ୍ତମାନଙ୍କ ଠାରୁ ୩୦ ଓ ୬୦ ଗ୍ରାମ ଓଜନର ଦୁଇଗୋଟି ସୁନା ଚେନ୍ ଏବଂ ଗୋଟିଏ ବାଇକ୍ ଜବତ କରିଛି ପୋଲିସ । ସୂଚନାଥାଉକି, ଗତ ୨୨ ତାରିଖ ସକାଳ ଭୋର ସମୟରେ ମହିଳା କେ. ରଜନୀ ହାଉସିଂ ବୋର୍ଡ଼ ନିଜ ଘରୁ ବାହାରି ଶିବାଶକ୍ତି ସିନେମା ହଲ୍ ରୋଡ୍ ଦେଇ ପ୍ରାତଃ ଭ୍ରମଣରେ ଯାଉଥିବା ବେଳେ ଗୋଟିଏ ବାଇକ୍‌ରେ ଆସି ମହିଳାଙ୍କ ବେକ୍‌ରେ ଥିବା ସୁନାଚେନ୍ ଝାମ୍ପି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଏନେଇ ଲୁଟ୍‌ର ଶିକାର ହୋଇଥିବା ମହିଳା ଜଣକ ବଡ଼ ବଜାର ଥାନରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ତେବେ ସିସିଟିଭି ଫୁଟେଜ୍‌କୁ ଆଧାର କରି ପୋଲିସ ଏହି ଲୁଟେରାମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା । ଏନେଇ ବଡ଼ ବଜାର ଥାନା କେସ୍ ନଂ ୧୨୮/୨୫ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି ।

ଗାଳଙ୍କରା ପୋଲିସକୁ ସଫଳତା

ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା(ନିପ୍ର): ସ୍ଥାନୀୟ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଳଙ୍କରା ଚଟି ଛକରେ ଘଟି ଯାଇଥିବା ଏକ ଦୁଇ ଜଣିଆ ଆନ୍ଧ୍ର ଲୁଟେରା ଯୁବକଙ୍କୁ ସ୍ଥାନୀୟ ଗୋଳଙ୍କରା ପୋଲିସ ଅତି ସାହସ ଏବଂ ଚାଲାକିର ସହ ମାତ୍ର ୬ ଘଣ୍ଟା ମଧ୍ୟରେ ଗିରଫ କରି ଝାମ୍ପି ନେଇଥିବା ସୁନା ଚେନ୍‌କୁ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏଠାରେ ସୂଚନା ଯୋଗ୍ୟଯେ, ଗୋଳଙ୍କରା ଚଟିସ୍ଥିତ ଅଭିଯୋଗକାରିଣୀ ପ୍ରତିମା ଜେନା ସକାଳ ଭୋର ୫ ଘଣ୍ଟା ୩୦ ମିନିଟ୍ ସମୟରେ ତାଙ୍କ ଘର ଆଗରେ ଝାହୁ କରୁଥିବା ସମୟରେ ଗୋଟେ ଧଳା ରଙ୍ଗର ପଲ୍‌ସର ବାଇକ୍‌ରେ ଦୁଇ ଜଣ ଯୁବକ ଆସି ତାଙ୍କ ବେକରୁ ସେ ପିନ୍ଧିଥିବା ଏକ ଷୋହଳ ଗ୍ରାମର ନେକ୍‌ଲେସକୁ ଝାମ୍ପି ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଏନେଇ ପୀଡ଼ିତା ମହିଳା ଜଣକ ଗୋଳଙ୍କରା ଥାନାକୁ ଯାଇ ଘଟଣା ସମ୍ପର୍କରେ ଜଣାଇବା ସହ ଲିଖିତ ଭାବେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଗୋଳଙ୍କରା ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତୁରନ୍ତ ଘଟଣାର ଅନୁସନ୍ଧାନ ଚଳାଇଥିଲେ । ଏବଂ କିଛି ଘଣ୍ଟା ବ୍ୟବଧାନରେ ଦୁଇ ଲୁଟେରା ଜି. ତେଜେସ (୧୯) ଏବଂ କେ. ଦିନେଶ (୧୯)ଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା ପୋଲିସ । ଗିରଫ ଅଭିଯୁକ୍ତ ଜଣକ ଘର ଇଚ୍ଛାପୁରମ୍ ହୋଇଥିବା ବେଳେ ଅନ୍ୟ ଜଣଙ୍କ ଘର ମୋଚିନ୍ଦ୍ରି ଥାନା ଇଚ୍ଛାପୁରମ୍ ବୋଲି ପୋଲିସ କହିଛି । ଜି. ତେଜେସ ଏବଂ କେ. ଦିନେଶ ଦୁହେଁ ମିଶି ମହିଳାଙ୍କ ଠାରୁ ଝାମ୍ପି ନେଇଥିବା ସୁନା ନେକ୍‌ଲେସ୍‌କୁ ଅଭିଯୁକ୍ତମାନଙ୍କ ଠାରୁ ପୋଲିସ ଜବତ କରିଛି । ତେଣୁ ସ୍ଥାନୀୟ ପୋଲିସର କାର୍ଯ୍ୟ ଦକ୍ଷତାକୁ ନେଇ ଅଞ୍ଚଳରେ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି । ଏନେଇ ଥାନା କେସ୍ ନଂ ୧୨୮/୨୫ରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ଗୋପାଳପୁରରେ ଆୟୋଜିତ ହେବ ରୋଟାରୀ ମହାକୁମ୍ଭ

ବ୍ରହ୍ମପୁର, ୨୬।୩(ନିପ୍ର): ଗୋପାଳପୁରସ୍ଥିତ ଏକ ପଞ୍ଚତାରକା ହୋଟେଲ୍‌ରେ ରୋଟାରୀ ଜିଲ୍ଲା ୩୨୬୨ର ବାର୍ଷିକ ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ସମଗ୍ର ଓଡ଼ିଶାର ଶହେ ଅଠର କ୍ଲବ୍‌ରୁ ଆଠ ଶହରୁ ଊର୍ଦ୍ଧ୍ୱ ରୋଟାରିଆନ୍ ଭାଗନେବେ । ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ, ପରିବେଶ ଓ ସାମାଜିକ ସଚେତନତା କ୍ଷେତ୍ରରେ ସେବା ଯୋଗାଉଥିବା ରୋଟାରୀ ସେବାକୁ ଅଧିକ ପ୍ରଭାବି ଓ ଲୋକାଭିମୁଖୀ କରିବା ନେଇ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହେବ ବୋଲି ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ଯଜ୍ଞାଶିଷ୍ ମହାପାତ୍ର ସୂଚନା ଦେଇଛନ୍ତି । ସମ୍ମିଳନୀରେ ରୋଟାରୀର ରାଷ୍ଟ୍ରୀୟ ନିର୍ଦ୍ଦେଶକ ଅନିରୁଦ୍ଧ ରାୟ ଚୌଧୁରୀ, ଅନ୍ତଃରାଷ୍ଟ୍ରୀୟ ସଭାପତିଙ୍କ ନିର୍ବାଚିତ ପ୍ରତିନିଧି ଦିନେଶ ଶର୍ମା, ପ୍ରାକ୍ତନ ଆର୍ ଆଇ ସଭାପତି ପ୍ରତିନିଧି ମହେଶ କୋଟ୍ ବାଗୀ ଇତ୍ୟାଦି ଯୋଗଦେଇ ରୋଟାରୀଆନ୍‌ମାନଙ୍କୁ ମାର୍ଗଦର୍ଶନ କରାଇବେ । ସେହିଭଳି ବିଭିନ୍ନ ଅଧିବେଶନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱତନ୍ତ୍ର ଉପଦେଷ୍ଟା ଦୀପକ୍ ଭୋରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ମିନାକ୍ଷୀ ଲେଖି, ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସାହାଜାନ୍ ପୁନାୱାଲା, ଖ୍ୟାତନାମା ପ୍ରେରଣାଦାୟୀ ବକ୍ତା ସାଲୋନୀ ଖାନ୍ନା ଓ ଲାବଣ୍ୟ ପଟେଲ୍ ଇତ୍ୟାଦି ସମ୍ମିଳନୀକୁ ସମ୍ବୋଧିତ କରିବେ । ଏହି ଅବସରରେ ପ୍ରଖ୍ୟାତ ବଲିଉଡ୍ ଗାୟକ ସବୀର କୁମାର, ଓଲିଉଡ୍ ଷ୍ଟାର ସବ୍ୟସାଚୀ, ଅର୍ଚ୍ଚିତା, ପପୁ ପମ୍ ପମ୍‌ଙ୍କ ସମେତ ବହୁ ବଲିଉଡ୍ ଓ ଓଲିଉଡ୍‌ର କଳାକାର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବେ । ଏହି ଦୁଇଦିନିଆ ସମ୍ମେଳନକୁ ଜିଲ୍ଲା ପରିଚାଳନା ମହାସଚିବ ରସାନନ୍ଦ ରାଉତ, ସମ୍ମେଳନ ଅଧ୍ୟକ୍ଷ ଗଙ୍ଗାଧର ମିଶ୍ର, ସୁଶାନ୍ତ ମହାପାତ୍ର, ମିଡ଼ିଆ ସେଲ୍ ଅଧ୍ୟକ୍ଷ ବିଭୂତି ଭୂଷଣ କର, ରୋଟାରୀଆନ୍ କବି ପ୍ରସାଦ ରାଉତରାୟ, ସୋନାଲି ରଥ, ଇତୁନ୍ ମହାପାତ୍ର, ଉମାଶଙ୍କର ପଟ୍ଟନାୟକ, ଅନିଲ୍ ସାହା ପ୍ରମୁଖ ପରିଚାଳନା କରିବେ ।

କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ଭଞ୍ଜୀ ଭାରତୀ ସମ୍ମାନ ପ୍ରଦାନ

ବ୍ରହ୍ମପୁର, ୨୬।୩(ନିପ୍ର): ସ୍ଥାନୀୟ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଭଞ୍ଜ ଭାରତୀର ରୌପ୍ୟ ଜୟନ୍ତି ଅବସରରେ ଆୟୋଜିତ ଓଡ଼ିଆ ସାହିତ୍ୟ ସମାରୋହରେ ବରିଷ୍ଠ ସାହିତ୍ୟିକ କବି କୃଷ୍ଣ ଚନ୍ଦ୍ର ତ୍ରିପାଠୀଙ୍କୁ ଭଞ୍ଜ ଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି । ଭଞ୍ଜ ଭାରତୀ ଅଧ୍ୟକ୍ଷ ବାଗ୍ମୀ ଆଧ୍ୟାତ୍ମିକ ପ୍ରବକ୍ତା ଡ଼ାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ମୁଖ୍ୟ ଅତିଥି ଓଡ଼ିଶା ଉଚ୍ଚ ବିଦ୍ୟାଳୟର ବିଚାରପତି ଶଶିକାନ୍ତ ମିଶ୍ର ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଚିବ ଡ଼. ଚନ୍ଦ୍ରଶେଖର ହୋତା, ରମାଦେବୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼ଃ ସଂଘମିତ୍ରା ଭଞ୍ଜ, ବରିଷ୍ଠ ସାହିତ୍ୟିକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ଅଙ୍ଗବସ୍ତ୍ର ସହ ମାନପତ୍ର ପ୍ରଦାନ କରି ଭଞ୍ଜ ଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତି ସମ୍ମାନ –୨୦୨୫ ପ୍ରଦାନ କରିଥିଲେ । କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ସାରସ୍ୱତ ଜୀବନ ଯାତ୍ରାକୁ ସମ୍ମାନ ଜଣାଇ ରାଜ୍ୟ ସ୍ତରର ସମ୍ମାନ ପରେ ଗଞ୍ଜାମ ଜିଲ୍ଲାର ବହୁ ବରିଷ୍ଠ ସାହିତ୍ୟିକ କବି, ଲେଖକ, ବୁଦ୍ଧିଜୀବୀ ଓ ଭାଷା ସାହିତ୍ୟ ସଙ୍ଗଠନ ଶୁଭେଚ୍ଛା ଜଣାଇଛନ୍ତି । ବରିଷ୍ଠ ରାଜନୀତି ବିଜ୍ଞାନୀ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ , ନାଟ୍ୟକାର ମେଜର ରମା ରମଣ ପାଢ଼ୀ, ଅବସରପ୍ରାପ୍ତ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ମହୀ ମୋହନ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ରବି ରଥ, ଡ଼. କାର୍ତ୍ତିକ ଚନ୍ଦ୍ର ରାଉତ, ବିଶ୍ୱ ଓଡ଼ିଆ ପରିବାର ରେ କୁଳମରି ରାଉତ, ସ୍ତମ୍ଭକାର ଜାନକୀଶ ବଡ଼ ପଣ୍ଡା, ଓଡ଼ିଶା ଭାଷା ଆନ୍ଦୋଳନ ଆବାହକ ପବିତ୍ର ମହାରଥୀ, ପ୍ରାଧ୍ୟାପକ ଲକ୍ଷ୍ମୀ ନାରାୟଣ ପଣ୍ଡା, ଡ଼. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, କବି ହୃଷିକେଶ ଦାଶ, ପ୍ରଫେସର ବାଉରି ବନ୍ଧୁ ସାହୁ, ଡ଼. କୁଳମଣି ଓଝାଙ୍କ ସମେତ ବହୁ ଗୁଣୀ ଜ୍ଞାନୀ ବ୍ୟକ୍ତି ବିଶେଷ ପ୍ରମୁଖ ଭଞ୍ଜ ଭାରତୀ କବି କୃଷ୍ଣ ଚନ୍ଦ୍ର ତ୍ରିପାଠୀଙ୍କୁ ଶୁଭେଚ୍ଛା ଜଣାଇ କବିତ୍ରିପାଠୀଙ୍କ ସୁସ୍ଥ, ସୁଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି।

ନିଖୋଜ ବ୍ୟକ୍ତିଙ୍କୁ ମୃତ୍ୟୁ ଦର୍ଶାଇ ବେନିୟମ ଭାବେ ଜମି ବିକ୍ରି କରିବାକୁ ଉଦ୍ୟମ

ରଙ୍ଗେଇଲୁଣ୍ଡା, ୨୬।୩(ନିପ୍ର): କନିଷି ତହସିଲ ଅନ୍ତର୍ଗତ ମାଣିକପୁର ମୌଜାର ଖାତା ନମ୍ବର ୬୬ ଜମିକୁ ଜାଲିଆତି କରି ବିକ୍ରି କରିବାକୁ ଉଦ୍ୟମ ଯାହାକି ଅଞ୍ଚଳରେ ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି । ଏଠାରେ ସୂଚନାଯୋଗ୍ୟ ଯେ, ଉକ୍ତ ମାଣିକପୁର ମୌଜାର ଖାତା ନମ୍ବର ୬୬ ଜମିଟି ତିନି ଜଣଙ୍କ ନାଁରେ ଥିବା ବେଳେ ସେମାନେ ହେଲେ କେ. ଗୋବିନ୍ଦ, ଦ୍ୱିତୀୟ ଜଣକ ହେଲେ କେ. ଆନନ୍ଦ ଏବଂ ତୃତୀୟ ବ୍ୟକ୍ତି ଜଣକ ହେଲେ କେ. ଚନ୍ଦ୍ର ମୋହନ । ଆଜକୁ ଦୀର୍ଘ କୋଡ଼ିଏ ବର୍ଷ ହେଲା ନିଖୋଜ ଅଛନ୍ତି ଏବଂ ଉକ୍ତ ନିଖୋଜ ବ୍ୟକ୍ତିଙ୍କ ସ୍ତ୍ରୀ ମଦ୍‌ୟ ମୃତ୍ୟୁବରଣ କରିଛନ୍ତି । ପ୍ରଥମ ଏବଂ ଦ୍ୱିତୀୟ ବ୍ୟକ୍ତିଙ୍କୁ ଉତ୍ତରାଧିକାରୀମାନେ ନିଖୋଜ ଥିବା ବ୍ୟକ୍ତିଙ୍କ ଏକ ଜାଲ ମୃତ୍ୟୁ ପ୍ରମାଣପତ୍ର କରି ସମସ୍ତ ସରକାରୀ ନିୟମକୁ ଫାଙ୍କି ଜମି ବିକ୍ରି ପାଇଁ ଉଦ୍ୟମ କରୁଥିବା ଜଣାପଡ଼ିଛି । ଏଥିରେ ଜମି ଦଲାଲ ମାନେ ସମ୍ପୃକ୍ତ ରହି ଶାଗ ମାଛ ଦରରେ କିଣି ଚଢ଼ା ଦର ରେ ବିକ୍ରି କରିବାକୁ ମସୁଧା ଚଳାଇଛନ୍ତି । ଏଠାରେ ସୂଚନାଯୋଗ୍ୟଯେ, ନିଖୋଜ ଥିବା ବ୍ୟକ୍ତିଙ୍କ ମୃତ୍ୟୁ ପ୍ରମାଣ ପତ୍ର ସ୍ଥାନୀୟ କେଲୁଆପଲ୍ଲୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦେଇ ନଥିବା ବେଳେ ଉକ୍ତ ମୃତ୍ୟୁ ପ୍ରମାଣ ପତ୍ର ଜମି ଦଲାଲ ମାନେ କିପରି ହାତେଇଲେ ତାହା ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି । ଏଣୁ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ବୋଲି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏନ୍. ଡ଼ମ୍ବରୁ ରେଡ୍ଡୀ ଦାବି କରିଛନ୍ତି ।

ବାଳକୃଷ୍ଣ ସାମନ୍ତରାୟ ବିଇଏମ୍‌ସି ପ୍ରତିନିଧି

ବ୍ରହ୍ମପୁର, ୨୬।୩(ନିପ୍ର) ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ବ୍ରହ୍ମପୁର ମହାନଗର ନିଗମ ପ୍ରତିନିଧି ଭାବେ ଭାରତୀୟ ଜନତା ପାର୍ଟିର ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ତଥା ବରିଷ୍ଠ ସଦସ୍ୟ ବାଳକୃଷ୍ଣ ସାମନ୍ତରାୟ, ପିତା ସ୍ୱର୍ଗତ ଗୋରା ଚାନ୍ଦ ସାମନ୍ତରାୟ, ସିଓ ଉଦୟନାଥ ସାମନ୍ତରାୟ, କର୍ପୋରେଟିଭ୍ କଲୋନୀ ପ୍ରଥମ ଗଳି, ବ୍ରହ୍ମପୁର ନିଯୁକ୍ତି ହୋଇଥିଲେ । ଆଜି ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟକୁ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଯାଇ ବ୍ରହ୍ମପୁର ମହାନଗର ନିଗମ କମିଶନର ଭବାନୀ ପ୍ରସାଦ ମିଶ୍ରଙ୍କୁ ସୌଜନ୍ୟ ମୂଳକ ଭାବେ ସାକ୍ଷାତ କରି ସାଂସଦଙ୍କ ନିଯୁକ୍ତି ପତ୍ର ହସ୍ତାନ୍ତର କରିଥିଲେ ଓ ବ୍ରହ୍ମପୁର ସହର ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ କେ. ଅନୀଲ୍ କୁମାର, ଜିଲ୍ଲା ସଭାପତି ସରୋଜ ସାବତଙ୍କୁ ପ୍ରତିନିଧି ସାମନ୍ତରାୟ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ଉପସ୍ଥିତ ଥିଲେ ବଦ୍ରି ନାୟକ, ଗୋପାଳ ରଥ, ସୁରେଶ ଚନ୍ଦ୍ର ତ୍ରିପାଠୀ, ଭିକି ଆଚାରୀ, ଚିତ୍ତ ରଞ୍ଜନ ସାହୁ, ଶିବା ଯାଦବ, ପ୍ରତାପ ସେଠୀ, ଗୁରୁପାତ୍ର, ମଦନ ସାହୁ, ମଧୁ ଭାଇ, ସୁନୀଲ୍ ଭାଇ, ଉମେଶ ସୁବୁଦ୍ଧି, ପ୍ରଶାନ୍ତ କର, ସୁମିତ୍ର ସେଠୀ, ଆନନ୍ଦ ମହାଙ୍କୁଡ଼ ପ୍ରମୁଖ ସହଯୋଗ କରିଥିଲେ।

NOTICE

By virtue of an affidavit sworn before the Notary Public BHADRAK on dt 24thDecember 2024, I Mr. MANAGOBINDA SAHOO, Address HARICHANDANPUR, HALADIA, BHADRAK-756129, Odisha, have changed my name from "MALIA SAHOO" to MANAGOBINDA SAHOO" Heceforth , I shall be known as " MANAGOBINDA SAHOO" for all purposes.

MANAGOBINDA SAHOO

AFFIDAVIT

By virtue of an affidavit sworn before the Executive Magistrate, Nabarangpur, dt.26.03.2025,I, Smt. Padma Pujari, 57yrs, W/o-Sri Bhagaban Pujari, At/PO: Kongra, PS-Tentulikhunti, Dist-Nabarangpur declare that my correct name is Padma Pujari which has been correctly mentioned in my Voter Id Card and Aadhar Card. But in my Bank Passbook, SBI Anchalguma, Nabarangpur it has been wrongly mentioned as Padama Pujari, W/o-Abadut Pujari. Hence this affidavit is to be produced before the concerned Bank authority for necessary correction of my name as Padma Pujari, W/o-Bhagaban Pujari.

Padma Pujari
Deponent

ଦସ୍ତାବିଜ ହଜିଛି

ମୁଁ ଶ୍ରୀ ସୂର୍ଯ୍ୟକାନ୍ତ ବାରିକ, ପି:ଆଦିକନ୍ଦ ବାରିକ, ଠିକଣା: ଅଗେଇବେହେରା, ପୋ-ଦେଓପଡ଼ା, ଥା:ଭଣ୍ଡାରୀପୋଖରୀ, ଜି :ଭଦ୍ରକ, ଘୋଷଣା କରୁଛି ଯେ, ତହସିଲ-ଭଣ୍ଡାରିପୋଖରୀ ମୌ: ଅଗେଇବେହେରା, ଖାତା ନଂ-୧୬୫/୧୧୪, ଉକ୍ତ ଜମି କିଣିବା ସମୟରେ କ୍ରେତା ଆମ୍ବର ପିତା ଆଦିକନ୍ଦ ବାରିକଙ୍କ ନାମରେ ପଞ୍ଜିକରଣ ନଂ-୧୦୬୮/୨୦୦୯ ଓ ଖତିୟାନ ମୌଜା: ଅଗେଇବେହେରା ଖାତା ନଂ.୧୬୫/୧୦୪ କୁ ବିକ୍ରେତା ଭୁବନାନନ୍ଦ ସାହୁ, ପି:ଦାଉଚରଣ ସାହୁଙ୍କ ଠାରୁ ପ୍